# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି 'ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିସ ରିପୋର୍ଟ ।

(ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ମୌଜା-ଘାଟିକିଆ ର ଖଣ୍ଡଗିରି ବାରିଠାରେ ସ୍ୱରେଜ ଲାଇନ ସ୍ଥାପନ ନିମନ୍ତେ ଘରୋଇଜମି ଅଧିଗ୍ରହଣ ସମ୍ପର୍କେ)

## ବୈଧାନୀକ ବ୍ୟବସ୍ଥା

ଘାଟିକିଆ ଗ୍ରାମସ୍ଥ ଖଣ୍ଡଗିରି ବାରିଠାରେ ସ୍ୱରେଜ ଲାଇନ ସ୍ଥାପନ ନିମନ୍ତେ ଘରୋଇଜମି ଅଧିଗ୍ରହଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ମୌଜା- ଘାଟିକିଆ ରୁ ଏ. ୦.୦୧୪ ଡିସିମିଲ ପରିମିତ ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ ସାଧାରଣ ପରିଚାଳକ, ୱାଟକୋ, ଘାଟିକିଆ ଡିଭିଜନ-୧, ଭୁବନେଶ୍ୱର ଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବା ପରେ ତତ ସମ୍ପର୍କେ "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩" ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ-ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନ ମତେ ଅଧିସୂଚନା ମାନ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

ଅଧିସୂଚନା

| କ୍ରମିକ ନଂ | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧ | ଭୁବନେଶ୍ୱର | ଘାଟିକିଆ | ଏ. ୦.୦୧୪ଡି. | ୨୪୦୧୪/ ରାବିପ ତା ୧୯.୦୭.୨୦୨୨ ରିଖ |

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ଉକ୍ତ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ (ଏନ.ସି.ଡି.ଏସ) ଭୁବନେଶ୍ୱରକୁ ହସ୍ତାନ୍ତର କରାଯାଇଥିଲା । ପରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର 'Society for Awareness, Perception and Numerous Alternatives (SAPNA)' ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ, ଜୀବିକା, ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡି, ବ୍ୟବସାୟିକ ବା ଆତ୍ମ ନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚିରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ମଧ୍ୟ ପ୍ରସ୍ତୁତ କରିଛନ୍ତି ।

**ଜନଶୁଣାଣି (ଧାରା-୫)**

"ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩" ର ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ଗୁଡିକରେ ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧ୍ୟମରେ ଜଣାଇଦିଆଯାଇଥିଲା ।

ଆୟୋଜିତ ଜନଶୁଣାଣି କାର୍ଯ୍ୟ ତା ୧୫.୧୧.୨୦୨୨ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଘାଟିକିଆ ମୌଜା ଅନ୍ତର୍ଗତ କମ୍ୟୁନିଟି ହଲ, ୱାର୍ଡ ନମ୍ବର-୨୩,ବି.ଏମ.ସି, ଭୁବନେଶ୍ୱର ଠାରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣି ର ବିଷଦ ବିବରଣୀ ଚୁଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣିତ ହୋଇଅଛି ।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ପରିବାର ତଥା ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତି କରିବା ସହ ନିଜର ଜମିକୁ ଉକ୍ତ ପ୍ରକଳ୍ପ ପାଇଁ ସାଧାରଣ ପରିଚାଳକ, ୱାଟକୋ, ଘାଟିକିଆ ଡିଭିଜନ-୧, ଭୁବନେଶ୍ୱର ଙ୍କୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

ଉକ୍ତ ଜନଶୁଣାଣୀ ଶ୍ରୀ ପ୍ରଶାନ୍ତ କୁମାର ପାଣି ସହକାରୀ ଜିଲ୍ଲାପାଳ ,ଉପଜିଲ୍ଲାପାଳ ଙ୍କ କାର୍ଯ୍ୟଳୟ, ଭୁବନେଶ୍ୱର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ନିମ୍ନ ଲିଖିତ ସଦସ୍ୟ ଓ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

୧. ଶ୍ରୀମତୀ ସୁଜାତା ପାତ୍ର, ଜମି ଅଧିଗ୍ରହଣ ଅଧିକାରୀ, ଖୋର୍ଦ୍ଧା
୨.ଶ୍ରୀ ପ୍ରଶାନ୍ତ କୁମାର ପାଣି ,ସହକାରୀ ଜିଲ୍ଲାପାଳ ,ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର,ଖୋର୍ଦ୍ଧା
୩.ନିରଞ୍ଜନ ନନ୍ଦୀ ,ସହକାରୀ ଯନ୍ତ୍ରୀ ୱାଟକୋ, ଭୁବନେଶ୍ୱର
୪.ଶ୍ରୀମତୀ କିରଣବାଲା ମହାନ୍ତି,କର୍ପୋରେଟର ୱାର୍ଡ ନମ୍ବର-23 ,ବି.ଏମ.ସି, ଭୁବନେଶ୍ୱର
୫.ରଶ୍ମିତା ସରଦାର,ରାଜସ୍ୱ ନିରୀକ୍ଷକ,ଘାଟିକିଆ,ଭୁବନେଶ୍ୱର
୭. ସିମାଞ୍ଚଳ ପଣ୍ଡା, ସାମାଜିକ ପ୍ରଭାବ ଆକଳନ ଅଧୟନ ଦଳର ମୁଖ୍ୟ

ଏତଦବ୍ୟତୀତ, ସାମାଜିକ ପ୍ରଭାବ ଆକଳନ ସଂସ୍ଥାର ଅଧିକାରୀ ବୃନ୍ଦ, ଜମି ହରାଉଥିବା ପରିବାର ଓ ଘାଟିକିଆ ଗ୍ରାମର ଅନ୍ୟ ଅଧିବାସୀ ମାନେ ଶୁଣାଣି ରେ ଅଂଶଗ୍ରହଣ କରିଥିଲେ ।

ଏହି ଜନଶୁଣାଣିର ପ୍ରାରମ୍ଭରେ ଶ୍ରୀଯୁକ୍ତ ସିମାଞ୍ଚଳ ପଣ୍ଡା, ବରିଷ୍ଠ କ୍ଷେତ୍ର ପରିଦର୍ଶନକାରୀ, ସାମାଜିକ ପ୍ରଭାବ ଆକଳନ ସଂସ୍ଥା ,ସପ୍ନା , ଭୁବନେଶ୍ୱର ନିଜର ପରିଚୟ ପ୍ରଦାନ କଲାପରେ ମଞ୍ଚ ଉପରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ । ଏହାପରେ କ୍ଷତିଗ୍ରସ୍ତ ପ୍ରଜା ମାନଙ୍କର ନାମ ଧାମ, ଅଧିଗ୍ରହଣ ହେବାକୁ ଥିବା ଜମିର ପରିମାଣ ଓ ଉକ୍ତ ଜନଶୁଣାଣିର ଉଦ୍ଦେଶ୍ୟ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ । ସଭାରେ ଉପସ୍ଥିତ ସମସ୍ତ ଅଧିକାରୀବୃନ୍ଦ ଏବଂ ଜମି ହରାଉଥିବା ଜମିମାଲିକଙ୍କୁ ଚିଠା ବିବରଣୀ ସାରାଂଶର ଏକ ନକଲ ବଣ୍ଟା ଯାଇଥିଲା । ପ୍ରକଳ୍ପ ନିର୍ମାଣ ହେଉଥିବା ଅଞ୍ଚଳରେ ଜନସାଧାରଣ, ଲୋକପ୍ରତିନିଧି, ସାମାଜିକ କର୍ମକର୍ତ୍ତା ତଥା ବରିଷ୍ଠ ନାଗରିଙ୍କ ସହ ସାକ୍ଷାତକାର ଓ ସମୂହ ଆଲୋଚନାଚକ୍ର ପରେ ସେମାନଙ୍କ ମତାମତ ଓ ପର୍ଯ୍ୟବେକ୍ଷଣ କୁ ନେଇ ଚିଠାଟି ସ୍ପଷ୍ଟଭାବେ ପ୍ରସ୍ତୁତ କରାଯାଇଅଛି ।

ଭୂ-ଅର୍ଜନ ଅଧିକାରୀ , ଶ୍ରୀମତୀ ସୁଜାତା ପାତ୍ର ତାଙ୍କର ବକ୍ତବ୍ୟରେ ଅଧିଗ୍ରହଣର ଆଇନଗତ ଉପଯୋଗୀତା ତଥା ଅଧିଗ୍ରହଣ ମାଧମରେ ପରିତୃପ୍ତିର ଆକାର ନିର୍ଦ୍ଧାରଣ ତଥା ତାର ମାନ ବିଷୟରେ ବିଶେଷ ଭାବେ ଉଲ୍ଲେଖ କରିଥିଲେ । ସେ ମନ୍ତବ୍ୟ ଦେଲେ ଯେ ନୂତନ ଜମି ଅଧିଗ୍ରହଣ ଆଇନ ଦ୍ୱାରା ପ୍ରସ୍ତାବିତ ଜମି ଅଧିଗ୍ରହଣ ହେବା ସହ ଜମି ମାଲିକ ମାନଙ୍କୁ ପ୍ରଚଳିତ ଆଇନ ର ବ୍ୟବସ୍ଥା ଅନୁଯାୟୀ ପ୍ରକୃତ କ୍ଷତିପୂରଣ ଦିଆଯିବ ।

ଜନଶୁଣାଣି ରେ ଉପସ୍ଥିତ ଥିବା ଜମି ମାଲିକ ମାନେ ଉକ୍ତ ପ୍ରକଳ୍ପର ନିର୍ମାଣ ଓ ସମସ୍ୟା ଉପରେ ମନ୍ତବ୍ୟ ରଖିଥିଲେ ଯାହା କି ଜନଶୁଣାଣି ବିବରଣୀ ରେ ବର୍ଣ୍ଣନା କରାଯାଇଅଛି ।

ପରିଶେଷରେ, ସଭାରେ ସଭାପତିତ୍ୱ କରୁଥିବା ଶ୍ରୀ ପ୍ରଶାନ୍ତ କୁମାର ପାଣି ସହକାରୀ ଜିଲ୍ଲାପାଳ ,ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର ମହୋଦୟ ଗ୍ରାମବାସୀଙ୍କ ଦ୍ୱାରା ଉପସ୍ଥାପିତ

ହୋଇଥିବା ଦାବିଗୁଡିକୁ ଯଥା ଶିଘ୍ର ସମାଧାନ କରିବା ସହ କ୍ଷତିଗ୍ରସ୍ତ ଜମି ମାଲିକ ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ।

ଶେଷରେ ଉପରୋକ୍ତ ସମସ୍ତ ଅଧିକାରୀ ଓ ଗ୍ରାମବାସୀ ମାନଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ସଭାସାଙ୍ଗ କରଯାଇଥିଲା ।

**ପ୍ରକାଶନ (ଧାରା-୬)**

ପ୍ରଭାବିତ ଗ୍ରାମର ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା" ବିବରଣୀକୁ ଆଇନ ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଥିଲା ।

**ଆଇନର ଧାରା ୭ ଉପଧାରା ୧ ଅନୁସାରେ "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ।**

**ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିସ**

"ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩" ର ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ" ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡାନ୍ତ ରିପୋର୍ଟକୁ ଅନୁଧାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି ।

ତେଣୁ ଉକ୍ତ ଆଇନର ଧାରା ୭ ଉପଧାରା ୨ ମତେ ନିମ୍ନ ଦର୍ଶିତ ବ୍ୟକ୍ତି ବିଶେଷଙ୍କୁ ନେଇ 'ବିଶେଷଜ୍ଞ ଦଳ' ଗଠନ କରାଯାଇଅଛି ।

**ସ୍ୱତନ୍ତ୍ର-ବହୁଦର୍ଶୀ ବିଶେଷଜ୍ଞ ଦଳ**

୧. କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲ୍ଲାପାଳ, ଖୋର୍ଦ୍ଧା
୨. ଶ୍ରୀଯୁକ୍ତ ଦେବବ୍ରତ ସାହୁ,ଉପଜିଲ୍ଲାପାଳ,ଭୁବନେଶ୍ୱର
୩.. ଶ୍ରୀମତୀ ସୁଜାତା ପାତ୍ର, ଜମି ଅଧିଗ୍ରହଣ ଅଧିକାରୀ, ଖୋର୍ଦ୍ଧା
୪. ଡଃ. ତ୍ରିଲୋଚନ ମିଶ୍ର, ଅବସର ପ୍ରାପ୍ତ ସହକାରୀ ପ୍ରଫେସର, ସମାଜ ବିଜ୍ଞାନ

୫. ବ୍ରଜ କିଶୋର ପଟ୍ଟନାୟକ, ଅବସର ପ୍ରାପ୍ତ ଓଡିଶା ପ୍ରଶାସନ ସେବା
୬. ଅକ୍ଷୟ କୁମାର ମହାନ୍ତି, ଅବସର ପ୍ରାପ୍ତ ଓଡିଶା ପ୍ରଶାସନ ସେବା
୭. ରାମଚନ୍ଦ୍ର ସାହୁ, ପରିଚାଳକ, ୱାଟକୋ, ଘାଟିକିଆ ସବ-ଡିଭିଜନ, ଭୁବନେଶ୍ୱର
୮. ସିମାଞ୍ଚଳ ପଣ୍ଡା, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳର ମୁଖ୍ୟ
୯. ପ୍ରଦୀପ କୁମାର ସାହୁ, ତହସିଲଦାର, ଭୁବନେଶ୍ୱର
୧୦. ଆମରଜ୍ୟୋତି ମିଶ୍ର, ସମ୍ପାଦକ, ସପ୍ନା, ଭୁବନେଶ୍ୱର

ଉପରୋକ୍ତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ଯରୁ ଶ୍ରୀଯୁକ୍ତ ବ୍ରଜ କିଶୋର ପଟ୍ଟନାୟକ, ଓ.ଏ.ଏସ (ଅବସରପ୍ରାପ୍ତ) ଙ୍କୁ ସ୍ୱତନ୍ତ୍ର ବିଦ୍ୟା ବିଷୟକ ପ୍ରବୀଣ ବର୍ଗ ର ଅଧକ୍ଷ ଭାବରେ ଜିଲ୍ଲାପାଳ ମନୋନିତ କରାଗଲା ।

**<u>ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ ।</u>**

ଆଇନର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ୱତନ୍ତ୍ର-ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକ ତା ୧୯/୦୧/୨୦୨୩ ରିଖ ଅପରାହ୍ନ ୧୨.୩୦ ଘଟିକାରେ ଜିଲ୍ଲାପାଳଙ୍କ ବୈଠକଗୃହରେ ଅନୁଷ୍ଠିତ ହୋଇଥିଲା ।

**<u>ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟ ମୂଲ୍ୟାୟନ</u>**

ଉକ୍ତ ସ୍ୱରେଜ ଲାଇନ ସ୍ଥାପନ ପ୍ରକଳ୍ପ ନିମନ୍ତେ ମୋଟ ବେସରକାରୀ ଜମି ଏ ୦.୦୧୪ ଡିସିମିଲ ଅଧିଗ୍ରହଣ ହେବାର ପ୍ରସ୍ତାବ ରହିଛି । ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱର, ଓଡିଶାଙ୍କ ଅନୁମୋଦନକ୍ରମେ ସପ୍ନା ଅନୁଷ୍ଠାନ, ଭୁବନେଶ୍ୱର ମୌଜା ଘାଟିକିଆରେ ଆବଶ୍ୟକଥିବା ୦.୦୧୪ଏକର ଘରୋଇଜମିର ଅଧିଗ୍ରହଣ ନିମନ୍ତେ ଧାରା ୪(୧) ଅନୁଯାୟୀ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରି ଏହାର ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି । ଉକ୍ତ ସଭାରେ ଏହି ରିପୋର୍ଟର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିମ୍ନଲିଖିତ ନିଷ୍ପତ୍ତି ନିଆଯାଇଥିଲା ।

ପ୍ରାରମ୍ଭରେ ଶ୍ରୀ ସିମାଞ୍ଚଳ ପଣ୍ଡା, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳର ମୁଖ୍ୟ ପ୍ରକଳ୍ପ ବିଷୟରେ ସୂଚନା ଦେବାସହ ପ୍ରକଳ୍ପର ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ବିଷୟରେ କହିଥିଲେ ।

ଏହାପରେ ଶ୍ରୀମତୀ ସୁଜାତା ପାତ୍ର, ଜମି ଅଧିଗ୍ରହଣ ଅଧିକାରୀ, ଖୋର୍ଦ୍ଧା କହିଥିଲେ ଯେ ଜମିହରାଉଥିବା ଜଣେବ୍ୟକ୍ତି ତାଙ୍କ ଜମି ଅଧିଗ୍ରହଣ ନକରି ପ୍ରକଳ୍ପକୁ ଅନ୍ୟତ୍ର କରାଯିବା ପାଇଁ ଦରଖାସ୍ତ ଦେଇଛନ୍ତି । ଏହାର ଉତ୍ତରରେ ଉପସ୍ଥିତ ସ୍ୱତନ୍ତ୍ର ବିଦ୍ୟା ବିଷୟକ ପ୍ରବୀଣବର୍ଗ ଆଲୋଚନା କରି କହିଥିଲେ ପ୍ରକଳ୍ପ ପାଇଁ ପ୍ରସ୍ତାବିତ ଜମି ଅଧିଗ୍ରହଣ ବ୍ୟତିତ ଅନ୍ୟ କୌଣସି ବିକଳ୍ପ ନାହିଁ ।

- ପ୍ରକଳ୍ପଟି ସାର୍ବଜନୀନ ଉଦ୍ଦେଶ୍ୟରେ ହେଉଥିବା ନେଇ ସମସ୍ତ ସଭ୍ୟ/ସଭ୍ୟା ମତ ପ୍ରକାଶ କରିଥିଲେ ।

- ଉକ୍ତ ପ୍ରକଳ୍ପଟି ସର୍ବସାଧାରଣ ଉଦ୍ଦେଶ୍ୟରେ ସହାୟକ ହେବ । ପ୍ରକଳ୍ପଟି ଭୂ-ଅର୍ଜନ, ପୁନର୍ବାସ ଏବଂ ଥାଇଥାନ କ୍ଷେତ୍ରରେ ଉଚିତ୍ କ୍ଷତି ପୂରଣ ସ୍ୱଛତା ଅଧିକାର ଆଇନ, ୨୦୧୩, ଧାରା ୨(୧) ଅନୁସାରେ ସାର୍ବଜନୀନଉଦ୍ଦେଶ୍ୟରେ ଉଦ୍ଧିଷ୍ଟ । ପ୍ରସ୍ତାବିତ ପ୍ରକଳ୍ପଟି ରାଜ୍ୟର ପରିମଳ ବ୍ୟବସ୍ଥା ବୃଦ୍ଧି କରିବାସହ ସ୍ଥାନୀୟ ଲୋକମାନଙ୍କ ହିତପାଇଁ ସହାୟକ ହେବ । ଉକ୍ତ ଅଧିଗ୍ରହଣ ହେଉଥିବା ଜମି କେବଳ ସରକାରଙ୍କ ଦ୍ୱାରା ବ୍ୟବହାର ହେଉଛି ।

- ପ୍ରକଳ୍ପର ନକାରାତ୍ମକ ପ୍ରଭାବ ଓ ସକାରାତ୍ମକ ପ୍ରଭାବ ଉପରେ ଆଲୋଚନା କରାଯାଇଥିଲା ଆଲୋଚନାରୁ ଜଣାପଡିଥିଲା ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ପ୍ରକଳ୍ପର ବହୁମୁଖୀ ସକାରାତ୍ମକ ପ୍ରଭାବ ରହିଛି, ଯାହାକି ନକାରାତ୍ମକ ପ୍ରଭାବଠାରୁ ଅଧିକ ଜଣାଯାଏ ।

- ପ୍ରକଳ୍ପପାଇଁ ଖଣ୍ଡଗିରି ବାରି, ଘାଟିକିଆ ମୌଜା, ୱାର୍ଡ ନଂ୨୩, ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ତହସିଲ, ଖୋର୍ଦ୍ଧା ଜିଲ୍ଲାରୁ ୩୬୪୬ ଏବଂ ୩୬୩୧ ବେସରକାରୀ ପ୍ଲଟରୁ ୦.୦୧୪ ଏକର ଜମି ଅଧିଗ୍ରହଣ କରାଯାଉଛି । ସରକାରୀ ଜମି ୦.୦୧୪ ଏକର ଅଧିଗ୍ରହଣ କରାଯାଉଛି । ଅଧିଗ୍ରହଣ ହେଉଥିବା ଜମି ପ୍ରକଳ୍ପ ପାଇଁ ସର୍ବନିମ୍ନ ଅଟେ । ଏହାର ଅନ୍ୟ କୌଣସି ବିକଳ୍ପ ନାହିଁ । ମୁଖ୍ୟ ନିଷ୍କାସନ ପଥକୁ ସଂଯୋଗ କରିବାପାଇଁ ପ୍ରସ୍ତାବିତ ପଥ ନିକଟତମ ଓ ସଳଖ ଅଟେ ।

- ଏହି ପ୍ରକଳ୍ପ ପାଇଁ ପୂର୍ବରୁ କୌଣସି ଜମି ଅଧିଗ୍ରହଣ ହୋଇନାହିଁ ବା ସେଥିପାଇଁ ପୂର୍ବରୁ ଅଧିଗୃହିତ ହୋଇଥବା କୌଣସି ବ୍ୟବହୃତ ହୋଇନଥିବା ବଳକା ଜମି ନାହିଁ ।

- ପ୍ରସ୍ତାବିତ ପ୍ରକଳ୍ପଟି ଅନୁସୂଚିତ ଅଞ୍ଚଳ ଅନ୍ତର୍ଭୁକ୍ତ ନୁହେଁ ଓ ପ୍ରକଳ୍ପ ପାଇଁ କୌଣସି ବ୍ୟକ୍ତି ବିସ୍ଥାପିତ ହେଉ ନାହାନ୍ତି ।

- ଏହି ପ୍ରକଳ୍ପ ଦ୍ୱାରା କୌଣସି ଭିତ୍ତିଭୂମି ଯଥା:- ରାସ୍ତା, ପୋଖରୀ, ପାନୀୟଜଳର ଉତ୍ସ, ଧାର୍ମିକ ଅନୁଷ୍ଠାନ ଇତ୍ୟାଦି କ୍ଷତିଗ୍ରସ୍ତ ହେଉନାହିଁ ଏବଂ ପରିବେଶ ଓ ପରିସଂସ୍ଥାନ ଯଥା:- ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଇତ୍ୟାଦି ଉପରେ ଉକ୍ତ ପ୍ରକଳ୍ପର କୌଣସି ପ୍ରଭାବ ପଡୁନାହିଁ ।

ସଭାପତି କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲ୍ଲାପାଳ, ଖୋର୍ଦ୍ଧା ସଭାରେ ଉପସ୍ଥିତ ସମସ୍ତ ସଭ୍ୟ/ସଭ୍ୟାଙ୍କ ସହ ଆଲୋଚନା ପୂର୍ବକ ଏହି ପ୍ରକଳ୍ପଟିକୁ ଅନୁମୋଦନ କରିବାସହ କ୍ଷତିପୂରଣ ପ୍ରଦାନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ କହିଥିଲେ ।

ସର୍ବଶେଷରେ ସଭାପତିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭାସାଙ୍ଗ କରାଯାଇଥିଲା ।

**ଅଧକ୍ଷ**

**"ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"**
**ଖୋର୍ଦ୍ଧା**